କେ. ପି. ଏ. ଭେଲ୍ଲାୟପ୍ପା ନାଦର (ମୃତ) ନ୍ୟାୟୀକ ଉତ୍ତରାଧିକାରୀଙ୍କ ଜରିଆରେ

ବନାମ

ଭାଗିରଥୀ ଅମ୍ମାଲ ଏବଂ ଅନ୍ୟମାନେ

ନଭେମ୍ବର 6, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାଗିଦାରୀ ଅଧିନିୟମ, 1932:*

*ଧାରା 4- ଭାଗୀଦାରୀ- ଖାତା ଭଙ୍ଗ କରିବା ଏବଂ ହିସାବ ପ୍ରସ୍ତୁତ କରିବା ପାଇଁ ମକଦ୍ଦମା- ମାର୍ଚ୍ଚ 1954 ରେ ଗଠିତ ଭାଗିଦାରୀ ବଦଳରେ ଫେବୃଆରୀ 1970 ରେ ଗଠିତ ଅନ୍ୟ ଏକ ଭାଗିଦାରୀ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା, ଯେଉଁଥିରେ ଦୁଇ ଜଣ ନୂତନ ଅଂଶୀଦାରଙ୍କୁ ସାମିଲ କରାଯାଇଥିଲା ଏବଂ ପୂର୍ବ ଭାଗୀଦାରମାନଙ୍କ ମଧ୍ୟରୁ ଜଣେ ବାର୍ଦ୍ଧକ୍ୟ କାରଣରୁ ଭାଗିଦାରୀରୁ ବାହାରିଥିବା- ପୂର୍ବ ଅଂଶୀଦାର (ଆବେଦନକାରୀ)- ଅଂଶୀଦାରଙ୍କ ମଧ୍ୟରୁ ଜଣେ 1972 ,ମେ ମାସରେ ମୃତ୍ୟୁବରଣ କରିଥିଲେ- ଉତ୍ତରଦାତାଙ୍କ ଦ୍ୱାରା ଭାଗୀଦାରୀ ଭାଙ୍ଗିବା ପାଇଁ 1973 ମସିହାରେ କରାଯାଇଥିବା ମକଦ୍ଦମା ଏବଂ ଆବେଦନକାରୀଙ୍କ ଦ୍ୱାରା ହିସାବ ପ୍ରସ୍ତୁତ କରିବା- ଆବେଦନକାରୀଙ୍କ ଆବେଦନ ଯେ ସେ ଭାଗିଦାରୀରୁ ବାହାରି ଯାଇଛନ୍ତି ଏବଂ ଫେବୃଆରୀ 1970 ରେ ନୂତନ ଭାଗିଦାରୀ, ଗଠନ କରାଯାଇଥିଲା, ସେ ହିସାବ ପ୍ରଦାନ କରିବାକୁ ଦାୟୀ ନୁହଁନ୍ତି, ଯାହା ଦେୌରା ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା-ନିର୍ଣ୍ଣିତ- ଭାଗୀଦାରୀ ଅପୋଷ ବୁଝମଣା ଆଧାରରେ 4 ଫେବୃଆରୀ, 1970 ମସିହାରେ ଭଙ୍ଗ କରାଯାଇଥିଲା ଏବଂ ନୂତନ ଭାଗୀଦାରୀ ପ୍ରଦର୍ଶ B- I ଅଧୀନରେ 14 ଫେବୃଆରୀ 1970 ରେ ଆସିଥିଲା ଯେଉଁଥିରେ ସ୍ୱୀକାରଯୋଗ୍ୟ ଯେ ଆବେଦନକାରୀ ଜଣେ ଅଂଶୀଦାର ନଥିଲେ-କିମ୍ବା ଏହା ଦାବି କରାଯାଇ ନାହିଁ ଯେ ଏହା ପରେ ଚାଲିଥିବା ବ୍ୟବସାୟରୁ ତାଙ୍କୁ କୌଣସି ଲାଭ ଦିଆଯାଉଥିଲା- ଆବେଦନକାରୀଙ୍କୁ ହିସାବ ପ୍ରଦାନ କରିବାକୁ ଉଚ୍ଚ ନ୍ୟାୟାଳୟ ଉତ୍ତରଦାୟୀ ରଖିବା ଠିକ୍ ନଥିଲା ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2566/1980 ।

ଆବେଦନ ସଂଖ୍ୟା 180/1976ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 3.4.80 ର ରାୟ ଏବଂ ଡିକ୍ରୀରୁ ।

ଆବେଦନକାରୀ ପାଇଁ ଏସ୍. ବାଲକ୍ରିଷ୍ଣନ, ଏସ୍. ପ୍ରସାଦ ଏବଂ ରେମଣ୍ଡ ।

ଉତ୍ତରଦାତାମାନଙ୍କ ପାଇଁ ଏ. ଟି. ଏମ୍. ସମ୍ପତ ।

ନ୍ୟାୟାଳଙ୍କ ଦ୍ଵାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ପ୍ରତିସ୍ଥାପନକୁ ଅନୁମତି ପ୍ରଦାନ କରଯାଇଛି ।

ଏଠାରେ ଆକ୍ଷେପୀତ ନିଷ୍ପତି ହେଉଛି ଆବେଦନ ସଂଖ୍ୟା 180/76ରେ ମାଡ୍ରାସ ନ୍ୟାୟାଳୟଙ୍କର ଏପ୍ରିଲ୍ 3, 1980 ର ଏକ ଓଲଟାଇ ଦିଆଯାଇଥିବା ଏକ ରାୟ । ବିଶେଷ ଅନୁମତି ଦ୍ଵାରା କରାଯାଇଥିବା ଏହି ଆବେଦନ ଏକ କାର୍ଯ୍ୟାନୁଷ୍ଠାନ ସହିତ ଜଡିତ ଯାହା ଆବେଦନକାରୀଙ୍କ ଦ୍ଵାରା ଭଗିଦାରୀ ଭଙ୍ଗ ଏବଂ ଉତ୍ତରଦାତାଙ୍କ ଦ୍ଵାରା ହିସାବ ପ୍ରଦାନ କରିବା ମଧ୍ୟରେ ଘଟିଥିଲା ।

ସ୍ଵୀକୃତ ସ୍ଥିତି ହେଉଛି ଯେ ଦୁଇ ଭାଇ ଥିବା ପମ୍ପୁ ରାଜାଙ୍କ ପୁଅ, ଜଣେ ଏନ୍. ଏ. ପି. ଆଲାଗିରି ରାଜା, ଏବଂ ରାଜା ରାମଲିଙ୍ଗ ରାଜା, ଏବଂ ଆବେଦନକାରୀ, କେ. ପି. ଏ. ଭେଲ୍ଲାୟାପ୍ପା ନାଦର, ଜଣେ ଅପରିଚିତ ବ୍ୟକ୍ତି, ଯେହେତୁ ମୃତ, ସ୍ଵୀକାରଯୋଗ୍ୟ ଯେ, 1943 ରେ ଆରମ୍ଭ ହୋଇଥିବା "ଏନ୍. ଏ. ପମ୍ପୁରାଜା ସନ୍ସ" ର ଅଂଶୀଦାର ଥିଲେ । ଭାଗିଦାରୀ ରାଜିନାମା, ପ୍ରଦର୍ଶ A-2 ଅଧୀନରେ ପ୍ରଥମ ଥର ପାଇଁ ମାର୍ଚ୍ଚ 31,1954 ତାରିଖରେ, ଲିଖିତ ଭାବେ ପ୍ରସ୍ତୁତ କରାଯାଇଥିଲା । ଅନ୍ୟ ଏକ ସ୍ଵୀକୃତ ତଥ୍ୟ ହେଉଛି ଯେ 1970 ମସିହା ଫେବୃଆରୀ 15 ତାରିଖରେ ପ୍ରଦର୍ଶ B- 1 ଅଧୀନରେ ଆଉ ଏକ ଭାଗିଦାରୀ ଗଠନ କରାଯାଇଥିଲା ଯେଉଁଥିରେ ଦୁଇ ଅଂଶୀଦାର ଏବଂ ସେମାନଙ୍କର ପୁଅ, ମୋଟ ଚାରିଜଣଅଂଶୀଦାର ଥିଲେ, ଏବଂ ଏହା ଯେ ସେହି ସମାନ ସ୍ଥାନରେ ସମାନ ଭାଗିଦାରୀ ବ୍ୟବସାୟ ସହିତ ଏବଂ ଏହା ନିବନ୍ଧକଙ୍କ ନିକଟରେ ସମାନ ପଞ୍ଜୀକରଣ କ୍ରମାଙ୍କ ସହିତ ପଞ୍ଜୀକୃତ ହୋଇଥିଲା । 1972 ମସିହା ମେ, 31 ତାରିଖରେ ରାଜା ରାମଲିଙ୍ଗ ରାଜାଙ୍କ ଦେହାନ୍ତ ହୋଇଥିଲା । ଏହା ଉପରେ, ଉତ୍ତରଦାତା ଭାଗିଦାରୀ ଫାର୍ମର ଭଙ୍ଗ କରିବା ପାଇଁ ଏବଂ ଆବେଦନକାରୀଙ୍କ ଦ୍ଵାରା ହିସାବ ପ୍ରଦାନ ପାଇଁ ଏପ୍ରିଲ୍ 26, 1973 ରେ ମକଦ୍ଦମା ଦାୟର କରିଥିଲେ । ଆବେଦନକାରୀଙ୍କ ମାମଲା ହେଉଛି ତାଙ୍କ ବାର୍ଦ୍ଧକ୍ୟ ହେତୁ, ଅର୍ଥାତ୍ ଫେବୃଆରୀ, 14,1970 ସୁଦ୍ଧା 70 ବର୍ଷ ହୋଇଥିବା କାରଣରୁ, ଅପୋଷ ଚୁକ୍ତିନାମା କରାଯାଇଥିଲା ଯାହା ଦ୍ଵାରା

ଆବେଦନକାରୀ ଦୁଇ ଅଂଶୀଦାରଙ୍କ ଉପରେ ସମସ୍ତ ସମ୍ପତ୍ତି ଏବଂ ଦାୟକୁ ଛାଡି ଭାଗିଦାରୀ ବ୍ୟବସାୟରୁ ବାହାରିଥିଲେ । ସମ୍ପତିରେ ଥିବା ତାଙ୍କର ଅଧିକାର, ତାଙ୍କ ଅଂଶ ମଧ୍ୟରେ ଆସୁଥିବା ଉତ୍ତରଦାୟିତ୍ୱ ବାବଦରେ ପାରସ୍ପରିକ ସହମତି ଆଧାରରେ ମୀମାଂସା କରାଯାଇଥିଲା । ପ୍ରଦର୍ଶ A-2 ଅଧୀନରେ ଥିବା ଭାଗିଦାରୀ 14 ଫେବୃଆରୀ, 1970 ରେ ପାରସ୍ପରିକ ସହମତି ଆଧାରରେ ଅଂଶୀଦାରମାନଙ୍କ ମଧ୍ୟରେ ହିସାବ ସମାଧାନ କରାଯାଇ ଭଙ୍ଗ କରାଯାଇଥିଲା । ନୂତନ ଭାଗିଦାରୀ 15 ଫେବୃଆରୀ, 1970 ରେ ପ୍ରଦର୍ଶ B- 1 ଅଧୀନରେ ବାଦୀମାନଙ୍କୁ ଆସିଥିଲା । ତେଣୁ, ପ୍ରଦର୍ଶ B- 1 ଅଧୀନରେ କୌଣସି ହିସାବ ପ୍ରଦାନ କରିବା କିମ୍ବା ନୂତନ ଭାଗିଦାରୀ ସଂସ୍ଥା ଦ୍ୱାରା ହୋଇଥିବା କୌଣସି କ୍ଷତି ବହନ କରିବା ପାଇଁ ତାଙ୍କର ଉତ୍ତରଦାୟିତ୍ୱ ରହିବ ନାହିଁ ଯେଉଁଥିରେ ସେ 15 ଫେବୃଆରୀ, 1970 ଏବଂ ତା 'ପରଠାରୁ ସଦସ୍ୟ ନଥିଲେ । ଦୌରା ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ନିମ୍ନମତେ ରେକର୍ଡ କରିଛନ୍ତି :

" "ପପ୍ପୁରାଜା ଆଣ୍ଡ ସନ୍ସ" ର ବ୍ୟବସାୟର ସମ୍ପତ୍ତି ଏବଂ ବିଳାସମ୍ ଏବଂ ସ୍ଥାୟୀ ସମ୍ପତ୍ତି ସମ୍ବନ୍ଧୀୟ ପ୍ରଶ୍ନ ଉପରେ ଆଲୋଚନା କରାଯାଇଥିଲା ।ଶେଷରେ, ଏହା ସମସ୍ତ ତଥ୍ୟକୁ ଦୃଷ୍ଟିରେ ରଖି, ଏହି ସହମତି ପ୍ରକାଶ ପାଇଥିଲା ଯେ (1) ପ୍ରଥମ ବାଦୀ ଏବଂ ତାଙ୍କ ଭାଇ ବ୍ୟବସାୟକୁ ଏକ ଚାଲୁଥିବା ସଂସ୍ଥା ଭାବରେ ଗ୍ରହଣ କରିବା ଉଚିତ; ଏବଂ (2) ପ୍ରତିବାଦୀ ବିରୋଧରେ ଦେୟ ଭାବରେ ଦର୍ଶାଯାଇଥିବା ପରିମାଣ ସମ୍ପତ୍ତିରେ ଥିବା ଏହି ପ୍ରତିବାଦୀଙ୍କ ଅଂଶ ଏବଂ ପ୍ରକୃତରେ ଉପରୋକ୍ତ 2 ବର୍ଷ ପାଇଁ କରାଯାଇଥିବା ଲାଭର ଅଂଶରେ ସ୍ଥିର କରାଯାଇଥିବା ଲାଭରୁ କଟାଯାଉ । ଏହି ବୁଝାମଣା ଆଧାରରେ ହିଁ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସମ୍ମତି ଦ୍ୱାରା 14.2.1970 ରେ ପ୍ରତିଷ୍ଠାନକୁ ଭାଙ୍ଗି ଦିଆଯାଇଥିଲା । ଉପରୋକ୍ତ ନିଷ୍କର୍ଷ ଅନୁସାରେ ପ୍ରଥମ ବାଦୀ ଏବଂ ତାଙ୍କ ଭାଇ ଏବଂ ତାଙ୍କ ପରିବାରର ଅନ୍ୟମାନେ 15.2.1970 ଠାରୁ ସମାନ ପଞ୍ଜୀକରଣ ପ୍ରମାଣପତ୍ର ସଂଖ୍ୟା, ସମାନ ବିଳାସମ୍ ରେ ଏବଂ ସମାନ ପରିସର ମଧ୍ୟରେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିଥିଲେ । ଏହିପରି, ଉପରୋକ୍ତ ପରିସ୍ଥିତିରେ ଭାଙ୍ଗି ଯାଇଥିବା ପ୍ରତିଷ୍ଠାନ ସମ୍ବନ୍ଧରେ କୌଣସି ହିସାବ ନେବାର ଆବଶ୍ୟକତା ବିନା 14.2.1970 ରେ ହିଁ ପ୍ରତିଷ୍ଠାନକୁ ଭାଙ୍ଗି ଦିଆଯାଇଥିଲା ।

ଏହି ଅନୁସନ୍ଧାନ ଆଧାରରେ ଦୌରା ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଥିଲେ ଯେ ପ୍ରଦର୍ଶ A- 2 ଅଧୀନରେ ଥିବା ଭାଗିଦାରୀ ସଂସ୍ଥା। ହିସାବରକ୍ଷଣର ସମାଧାନ ସହିତ ଭଙ୍ଗ କରାଯାଇଥିଲା। ଉତ୍ତରଦାତା-ବାଦୀ ଏବଂ ମୃତ ରାଜା ରାମଲିଙ୍ଗ ରାଜା ଏବଂ ଅନ୍ୟମାନଙ୍କ ମଧ୍ୟରେ ଫେବୃଆରୀ

15,1970ର ପ୍ରଦର୍ଶ B- 1, ଅନୁଷ୍ଠିତ ହେବା ପରେ, ଉତ୍ତରଦାତା-ଅଭିଯୋଗକାରୀଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟ ସହିତ ଆବେଦନକାରୀଙ୍କ କୌଣସି ସମ୍ପର୍କ ନାହିଁ । ବିଚାରଣ ନ୍ୟାୟାଳୟ ମଧ୍ୟ ଏହିପରି କହିଛନ୍ତି:

" ପରବର୍ତ୍ତୀ ଉତ୍ପନ୍ନିରେ ବାଦୀଙ୍କ ସହ ପ୍ରତିବାଦୀ ଦସ୍ତଖତ କରିଛନ୍ତି କି ନାହିଁ ତାହା ଦର୍ଶାଇବା ପାଇଁ କୌଣସି ତଥ୍ୟ ଦାଖଲ କରାଯାଇ ନଥିଲା । ସମଗ୍ର ପ୍ରମାଣର ବିଶ୍ଳେଷଣ ଉପରେ, ଏହା ସ୍ପଷ୍ଟ ଯେ ପୁରୁଣା ପ୍ରତିଷ୍ଠାନ ସମସ୍ତ ଅଂଶୀଦାରଙ୍କ ସମ୍ମତି ଆଧାରରେ 14.2.1970 ରେ ଭାଙ୍ଗି ଯାଇଥିଲା ଏବଂ ଆବେଦନକାରୀମାନେ ପ୍ରଦର୍ଶ B- 1ରେ ଉଲ୍ଲେଖ କରାଯାଇଥିବା ପରି ଏକ ନୂତନ ସହଭାଗୀତା ଆରମ୍ଭ କରିଛନ୍ତି ଏବଂ ସେମାନେ ପୁରୁଣା ପ୍ରତିଷ୍ଠାନର ସମାନ ବ୍ୟବସାୟ ଜାରି ରଖିଛନ୍ତି ।

ତେବେ ପରବର୍ତ୍ତୀ ଉତ୍ପନ୍ନିରେ ବାଦୀଙ୍କ ସହ ପ୍ରତିବାଦୀ ସ୍ୱାକ୍ଷର କରିଛନ୍ତି କି ନାହିଁ ତାହା ଦର୍ଶାଇବା ପାଇଁ କୌଣସି ତଥ୍ୟ ଦାଖଲ କରାଯାଇ ନଥିଲା । ସମଗ୍ର ପ୍ରମାଣର ବିଶ୍ଳେଷଣ ପରେ, ଏହା ସ୍ପଷ୍ଟ ଯେ ପୁରୁଣା ପ୍ରତିଷ୍ଠାନକୁ 14.2.1970 ରେ ସମସ୍ତ ଅଂଶୀଦାରଙ୍କ ପାରସ୍ପରିକ ସମ୍ମତି ସହିତ ଭାଙ୍ଗି ଦିଆଯାଇଥିଲା ଏବଂ ଅଭିଯୋଗକାରୀମାନେ ଏକ ନୂତନ ସହଭାଗୀତା ପ୍ରତିଷ୍ଠାନ ଆରମ୍ଭ କରିଥିଲେ ଯେପରି ପ୍ରଦର୍ଶ B- 1ରେ ଉଲ୍ଲେଖ କରାଯାଇଛି ଏବଂ ସେମାନେ ପୁରୁଣା ପ୍ରତିଷ୍ଠାନର ସମାନ ବ୍ୟବସାୟ ଜାରି ରଖିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଗ୍ରସର ହୋଇଛନ୍ତି ଯେ ଯଦିଓ ପୁରୁଣା ପ୍ରତିଷ୍ଠାନକୁ ଭାଙ୍ଗି ଦିଆଯାଇଥିଲା, ଯାହାଦ୍ୱାରା ବାଣିଜ୍ୟ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା ଏବଂ ନୂତନ ଫାର୍ମ ବ୍ୟବସାୟ କରିବା ଆରମ୍ଭ କରିଥିଲା ଯାହା ସମାନ ପ୍ରକୃତିର ହୋଇପାରେ, ଏହି ଆଧାରରେ ଏହି ସିଦ୍ଧାନ୍ତରେ ପହଞ୍ଚାଯାଇପାରିବ ନାହିଁ ଯେ ପୁରୁଣା ଫାର୍ମରେ ଖାତା ଗୁଡିକର ବିଘଟନ ଏବଂ ହିସାବର ସମାଧାନ ନହୋଇ ସ୍ୱୟଂଚାଳିତ ଭାବରେ ଭାଙ୍ଗି ଯାଇଥିଲା । ଏହି କ୍ଷେତ୍ରରେ, ଯେହେତୁ ଏହା ଏକ ଲାଭ ଅର୍ଜନ କରୁଥିବା ବ୍ୟବସାୟ ଥିଲା, ତେଣୁ ଆବେଦନକାରୀ ଏହାକୁ ଭଙ୍ଗ କରିବା ପାଇଁ ରାଜି ହେବାର ସମ୍ଭାବନା ନ ଥିଲା । ଏହାର ସମର୍ଥନରେ, ଉଚ୍ଚ ନ୍ୟାୟାଳୟ ଆୟକର ଦାଖଲ, 1966 ରୁ 1970-71 ବର୍ଷ ପାଇଁ କରାଯାଇଥିବା ପ୍ରଦର୍ଶ A-4 ରୁ A-6 ଉପରେ ନିର୍ଭରଶୀଳତା ରଖିଥିଲେ । ସେହି ଆଧାରରେ, ଏହା କୁହାଯାଇଥିଲା ଯେ 1972 ମସିହା ମେ 31 ତାରିଖରେ ରାଜା ରାମଲିଙ୍ଗା ରାଜା ନାମକ ଜଣେ ଅଂଶୀଦାରଙ୍କ ଦେହାନ୍ତ ପରେ ପ୍ରତିଷ୍ଠାନଟି ଭାଙ୍ଗି ଯାଇଥିଲା; ହିସାବ ଗୁଡ଼ିକର କୌଣସି ସମାଧାନ ହୋଇନଥିଲା; ତେଣୁ, ଆବେଦନକାରୀ ହିସାବଗୁଡ଼ିକର ସମାଧାନ ପରେ ଲାଭ ଏବଂ କ୍ଷତି ପାଇଁ

ହିସାବ ଦେବାକୁ ଏବଂ ଭାଗିଦାରୀ ପ୍ରତିଷ୍ଠାନରେ ତାଙ୍କ ଅଂଶ ଅନୁପାତରେ ଆବଶ୍ୟକ କ୍ଷତି ବହନ ପାଇଁ ଦାୟୀ ଥିଲେ।

ପ୍ରଶ୍ନ ହେଉଛିଯେ : ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ଠିକ୍ କି? ନ୍ୟାୟାଳୟ ଦ୍ୱାରା ନିଆଯାଇଥିବା ମତକୁ ସମର୍ଥନ କରାଯାଇପାରିବ କି ନାହିଁ ତାହା ଜାଣିବା ପାଇଁ ଆମେ ପ୍ରମାଣ ଗୁଡିକର ଅନୁଧ୍ୟାନ କରିଅଛୁ । ଏହା ସ୍ୱୀକାର୍ଯ୍ୟ ଭାବେ ଦେଖିବାକୁ ମିଳେ ଯେ ପ୍ରଦର୍ଶ A-2 ଆଧାରରେ ଉଲ୍ଲେଖିତ ଭାଗିଦାରୀ ସଂସ୍ଥା ଦୁଇ ଜଣ ବ୍ୟକ୍ତି ଏବଂ ଆବେଦନକାରୀଙ୍କୁ ନେଇ ଗଠିତ । ଫେବୃଆରୀ 15,1970 ରେ, ପ୍ରଦର୍ଶ B- 1 ଅଧୀନରେ ଅନ୍ୟ ଏକ ସହଭାଗୀତା ସଂସ୍ଥା ଦୁଇ ଅଂଶୀଦାର ଏବଂ ସେମାନଙ୍କ ପୁଅଙ୍କୁ ନେଇ ଗଠନ କରାଯାଇଥିଲା ।ନୂଆ ଫାର୍ମଟି କମ୍ପାନୀର ନିବନ୍ଧକଙ୍କ ସହ ଭାଗିଦାରୀର ସମାନ ପଞ୍ଜୀକରଣ ସଂଖ୍ୟା ଅଧୀନରେ ସମାନ ପରିସରରେ ସମାନ ବ୍ୟବସାୟ କରିବା ଆରମ୍ଭ କରିଥିଲା । ଏହା ସତ୍ୟ, ଯେପରି ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଦର୍ଶାଇଛନ୍ତି, ଯେ ଆଇନ ଅନୁସାରେ, ଯେ ପର୍ଯ୍ୟନ୍ତ ଏକ ଭାଗୀଦାରୀ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ନଥାଏ ଏବଂ ହିସାବ ସମାଧାନ ହୋଇନଥାଏ ସେ ପର୍ଯ୍ୟନ୍ତ କେବଳ ବାଣିଜ୍ୟ କାର୍ଯ୍ୟକଳାପ ବନ୍ଦ ହେବା ଦ୍ୱାରା କୌଣସି ଅଧିକାର ଏବଂ ଦାୟିତ୍ୱ ନଥାଇ ଭାଗିଦାରୀ ସଂସ୍ଥା ସ୍ୱୟଂକ୍ରିୟ ଭାବରେ ଭାଙ୍ଗି ନଥାଏ । ଏହାର ପୁନରାବୃତ୍ତିର କୌଣସି ଆବଶ୍ୟକତା ନାହିଁ ।  ଏହି କ୍ଷେତ୍ରରେ ଏହା ଦେଖାଯାଏ ଯେ ଉତ୍ତରଦାତାମାନେ ପ୍ରଦର୍ଶ ଅଧୀନରେ B- 1 ନୂତନ ଭାଗିଦାରୀ ସଂସ୍ଥା ଗଠନ କରିଥିଲେ ଏବଂ ସେହି ସମାନ ବ୍ୟବସାୟ ଜାରି ରଖିଥିଲେ ଯାହା ପ୍ରଥମ ଦୁଇ ଅଂଶୀଦାର ଏବଂ ଆବେଦନକାରୀ କରିଥିଲେ । ଦୌରା ନ୍ୟାୟାଳୟଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ଏହି ମାମଲାର ପରିସ୍ଥିତିରେ ଆମେ ଏହି ଉପସଂହାର ପହଞ୍ଚିବା ଯୁକ୍ତିଯୁକ୍ତ ହେବ ବୋଲି ଭାବୁଛୁ ଯେ ଆବେଦନକାରୀ ତାଙ୍କ ବାର୍ଦ୍ଧକ୍ୟ ହେତୁ ବ୍ୟବସାୟରୁ ବାହାରିଛନ୍ତି, ପ୍ରତିଷ୍ଠାନର ସାଦିଚ୍ଛାରେ ଭାଗ ନେବାର ଅଧିକାରକୁ ଅଗ୍ରାହ୍ୟ କରିଛନ୍ତି ଏବଂ ଅଂଶୀଦାରମାନେ ବ୍ୟବସାୟରୁ କ୍ଷତି, ଯଦି କିଛି ଥାଏ କମ୍ପାନୀର ସଦ୍ଭାବନାରେ ଆବେଦନକାରୀଙ୍କ ଅଂଶ ପାଇଁ ଦେୟ ରାଶି ଇତ୍ୟାଦି ରଫା ଦଫା କରିବାକୁ ବିଚାର କରି ପୁରୁଣା ଭାଗିଦାରୀକୁ ନେବାକୁ ରାଜି ହୋଇଥିଲେ, ଫଳସ୍ୱରୂପ ଭାଗିଦାରୀ ସଂସ୍ଥା 14 ଫେବୃଆରୀ, 1970 ରେ ଅପୋଷ ଭାବରେ ଭାଙ୍ଗିଗଲା । ଫଳସ୍ୱରୂପ ନୂତନ ଭାଗିଦାରୀ ପ୍ରଦର୍ଶ B- 1 ଅଧୀନରେ 14 ଫେବୃଆରୀ, 1970 ରେ ବିଦ୍ୟମାନକୁ ଆସିଥିଲା ଯେଉଁଥିରେ ସ୍ୱୀକାରଯୋଗ୍ୟ ଭାବରେ ଆବେଦନକାରୀ ଜଣେ ଅଂଶୀଦାର ନଥିଲେ; କିମ୍ବା ସେମାନେ ଦାବି କରିନଥିଲେ ଯେ ତା 'ପରେ ଚାଲିଥିବା ବ୍ୟବସାୟରୁ ତାଙ୍କୁ କୌଣସି ଲାଭ ଦିଆଯାିଇଛି । ସେହି ପରିସ୍ଥିତିରେ, ସେ ଆର୍ଥିକ ବର୍ଷ

1970-71 ପରବର୍ତ୍ତୀ ଭାଗିଦାରୀରେ ଅଂଶୀଦାର ଥିଲେ କି ନାହିଁ ଏହି ସିଦ୍ଧାନ୍ତରେ ପାଞ୍ଚିବା ପାଇଁ ଉଚ୍ଚ ନ୍ୟାୟାଳୟ ପ୍ରଦର୍ଶ A-4 ରୁ A-10 ର ଫେରସ୍ତ ଏବଂ ଅନ୍ୟାନ୍ୟ ତଥ୍ୟକୁ ବିଚାରକୁ ନେବା ଠିକ୍ ନଥିଲା । ଏକମାତ୍ର ପ୍ରାସଙ୍ଗିକ ପ୍ରମାଣ ଯାହା ଧ୍ୟାନରେ ରଖାଯାଇପାରିବ ତାହା ହେଉଛି ଯଦି ଫେବୃଆରୀ 1970 ପରେ ଯଥା, ଆର୍ଥିକ ବର୍ଷ 1971-72,1972-73 ପାଇଁ ଆବେଦନକାରୀଙ୍କ ଦ୍ୱାରା କୌଣସି ଫେରସ୍ତ ସ୍ୱାକ୍ଷରିତ କିମ୍ବା ସ୍ୱୀକାର କରାଯାଇଥିଲା, ତେବେ ତାହା ପ୍ରାସଙ୍ଗିକ ପ୍ରମାଣ ହେବ । ଏହା ଏପରି ନୁହେଁ ଯେ ପ୍ରତିଷ୍ଠାନର ଅଂଶୀଦାର ଭାବରେ ତାଙ୍କର ଦାୟିତ୍ୱର କୌଣସି ସ୍ୱୀକୃତି ଦର୍ଶାଯାଇଛି । ସେହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଠିକ୍ ନଥିଲେ ଯେ ପ୍ରଦର୍ଶ A-2 ଅନୁଯାୟୀ ଗଠିତ ପୁରୁଣା ପ୍ରତିଷ୍ଠାନ 29 ଫେବୃଆରୀ, 1972 ରେ ରାଜା ରାମଲିଙ୍ଗ ରାଜାଙ୍କ ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ବିଦ୍ୟମାନ ଥିଲା ଏବଂ ଫଳସ୍ୱରୂପ, ଆବେଦନକାରୀ ଏହାର ହିସାବ ଦେବାକୁ ଦାୟୀ ଥିଲେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରିକୁ ବାତିଲ କରିଦିଆଯାଇଛି ଏବଂଦୌରା ନାୟଳୟଙ୍କର ରାୟକୁ ନିଶ୍ଚିତ କରାଯାଇଛି, କିନ୍ତୁ ମାମଲାର ଏହି ପରିସ୍ଥିତିରେ କୌଣସି ଖର୍ଚ୍ଚ ରଖା ଯାଇନାହିଁ ।

ଆର୍. ପି ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।